ଭଦ୍ରକ ବିଜେଡିର ନୂଆ ଫର୍ମୁଲା ପୁରୀ ଚାଲ

ଭଦ୍ରକ (ସମାଲୋଚନା ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଭଦ୍ରକ ଜିଲ୍ଲା ପ୍ରତି ଯଥେଷ୍ଟ ଚିନ୍ତିତ ରହିଛନ୍ତି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ ପ୍ରତି ବିଜେଡି ସରକାର ସବୁବେଳେ ତତ୍ପରତା ପ୍ରକାଶ କରିଛି। ଜିଲ୍ଲାର ଅନେକ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଜିଲ୍ଲାରେ ବିଗତ ଦିନରେ ହୋଇଥିବା ବିକାଶ ଓ ଆଗାମୀ ଦିନରେ ହେବାକୁ ଥିବା ଉନ୍ନୟନ କାର୍ଯ୍ୟର ମଙ୍ଗଳବାର ହିସାବ ଦେଇଛନ୍ତି ଭଦ୍ରକ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇଥିବା ସଞ୍ଜୟ ଦାସବର୍ମା।

ଜିଲ୍ଲା ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି, ରାଜ୍ୟ ସରକାର ଏବେ ବିଏସ୍‌କେୱାଇ ନବୀନ କାର୍ଡ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ଯେଉଁମାନେ ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ବଞ୍ଚିତ ଥିଲେ ସେମାନେ ଏହି କାର୍ଡ ପାଇପାରିବେ। ନିଜର ସ୍ୱାସ୍ଥ୍ୟ ଜନିତ ସେବା ବିଭିନ୍ନ ହସ୍‌ପିଟାଲରୁ ମିଳି ପାରିବ। କେବଳ ସରକାରୀ ଚାକିରିଆ ଓ ଟ୍ୟାକ୍ସ ଦେଉଥିବା ଲୋକଙ୍କ ନିମନ୍ତେ ଏହି କାର୍ଡ ଉପଲବ୍ଧ ହେବ ନାହିଁ। ସେହିଭଳି ଆମ ଓଡ଼ିଶା ଓ ନବୀନ ଓଡ଼ିଶାର ପ୍ରତି ପଞ୍ଚାୟତକୁ ମିଳୁଥିବା ୫୦ଲକ୍ଷ ଟଙ୍କାରେ ଦେବାଦେବୀ ପୀଠର ବିକାଶ ଚାଲିଛି। ଯେଉଁମାନେ ଭତ୍ତା ପାଇଁ ଯୋଗ୍ୟ ସମସ୍ତଙ୍କୁ ଭତ୍ତା ମିଳିବ। ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ବାବଦରେ ସେ କହିଛନ୍ତି, ଏବେ ପ୍ରତି ଘରେ ଘରେ ପହଞ୍ଚି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବ। ପ୍ରତି ଗାଁରୁ ବୁଦ୍ଧିଜୀବୀ, ଧର୍ମପରାୟଣ ବ୍ୟକ୍ତିଙ୍କୁ ପୁରୀ ନିଆଯିବ। ସେମାନେ ସେହି ଗୁଆ- ଚାଉଳ ନେଇ ଶ୍ରୀମନ୍ଦିର ଛତିଶା ନିଯୋଗ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କୁ ଅର୍ପଣ କରିବେ। ଏହି କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ କରିଛନ୍ତି। ପରେ ସଞ୍ଜୟ ଜିଲ୍ଲା ବିକାଶ ଗତିଶୀଳ ଯୋଜନାର ହିସାବ ଦେଇଛନ୍ତି। ସେ କହିଛନ୍ତି, ଧାମନଗରଠାରେ ବୈତରଣୀ ଶାଖା ନଦୀ କୋଚିଳାରେ ଏକ ବ୍ୟାରେଜ ନିର୍ମାଣ ହେବ। ଏହାର ବଜେଟ ୪ଶହ କୋଟି ରହିଛି। ସେହିଭଳି ଧାମନଗର ଛକ ଓ ଧାମରା ବାସୁଦେବପୁରରେ ଶିଳ୍ପାୟନ ହେବ। ଏଥି ନିମନ୍ତେ ୨୦୦୦ ଏକର ଜମି ସରକାର ନିଜ ହସ୍ତଗତରେ ରଖିଛନ୍ତି।

ଧାନକଣିଆଠାରେ ସେତୁ ନିର୍ମାଣ ହେବ। ଯାହାର ବଜେଟ ୮୦ କୋଟି ରହିଛି। ସେହିଭଳି ପଞ୍ଚୁଟିକିରି ସେତୁ ୫୦କୋଟି, ଆଖଣ୍ଡଳମଣି ଉନ୍ନତିକରଣ ୫୦କୋଟି, ଏନ୍‌ଏଚ୍ ଗେଲପୁରଠାରୁ ଡାଅଣୀଗଡ଼ିଆଭାୟା ଭଦ୍ରକାଳୀ ୧୦୦କୋଟି, ଚାନ୍ଦବାଲି, ବାସୁଦେପୁର ତିହିଡ଼ି ଓ ଧାନଗରର ନିମନ୍ତେ ବୃହତ୍ତ ପାନୀୟ ଜଳ ନିମନ୍ତେ ୮୯୨ କୋଟି, ଭଦ୍ରକ୍ ଜିଲ୍ଲା ହସ୍‌ପିଟାଲ, ଇଦ୍‌ଗାହ, ମନ୍ଦିର, ମସଜିଦ ଆଦି ନିମନ୍ତେ ୨୫୦ କୋଟି, ଆରଡି ରୋଡ ପାଇଁ ୧୫୦ କୋଟି, ମଲ୍ଲିମାହାରା ଓ ଏସ୍‌କେପ ପାଇଁ ୧୦ କୋଟି, ଗୃହ ଓ ପୂର୍ତ୍ତ ବିଭାଗର ଉନ୍ନୟନ ନିମନ୍ତେ ଶହେ କୋଟି ଆଦି ବିକାଶମୂଳକ କାର୍ଯ୍ୟ ପାଇଁ ହିସାବ ରଖିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ସାସଂଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ ଯେନା, ପ୍ରଭାତ ଯେନା ପ୍ରମୁଖ ଉପସ୍ଥିତ ଥିଲେ।

ଦେବଙ୍କ ଏ କୂଳରେ ପୁଣି ସେ କୂଳରେ

ବାଲେଶ୍ୱର(ସମାଲୋଚନା ବ୍ୟୁରୋ): ୨୦୨୪ ନିର୍ବାଚନ ପୂର୍ବରୁ ବସ୍ତା ନିର୍ବାଚନୀ ମ'ଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକରେ ଶକ୍ତି ପ୍ରଦର୍ଶନକୁ ନେଇ କଂଗ୍ରେସ-ବିଜେଡି ଟଣାଓଟରା ଆରମ୍ଭ ହୋଇଯାଇଛି। ଏହି ନିର୍ବାଚନ ମ'ଳୀର ସରପଞ୍ଚ ଦେବ କୁମାର ଦେ'ଙ୍କୁ ଉଭୟ ଦଳ ନିଜର ବୋଲି ଦାବି କରିବା ଜିଲ୍ଲା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ଦେବ କୁମାର ଦେ ପରିଚିତ। ସେ ବାଲିଆପାଳ ବ୍ଲକ ଅନ୍ତର୍ଗତ ୨୧ ନଂ ଜିଲ୍ଲା ପରିଷଦ ଜୋନ୍‌ରୁ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଭ୍ୟ, ୨୦୧୨ରୁ ୧୭ ପର୍ଯ୍ୟନ୍ତ ଶ୍ରୀରାମପୁର ପଞ୍ଚାୟତରେ ତାଙ୍କ ଧର୍ମପତ୍ନୀ ସୁରେଖା ଦେ ସରପଞ୍ଚ, ୨୦୨୨ରେ ଉକ୍ତ ପଞ୍ଚାୟତରୁ ନିଜେ ଶ୍ରୀ ଦେ' ମଧ୍ୟ ୮୮୮ ଖଣ୍ଡ ଭୋଟ ବ୍ୟବଧାନରେ ସରପଞ୍ଚ ଭାବେ ବିଜୟୀ ହୋଇଥିଲେ। ଏହା ବ୍ୟତୀତ ସେ ବାଲିଆପାଳ ବ୍ଲକର ସରପଞ୍ଚ ସଂଘ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀ ଦେ' ଡିସେମ୍ବର ୨୮ ତାରିଖରେ ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡିରେ ମିଶିବା ସମସ୍ତଙ୍କୁ ଚକିତ କରିଥିଲା। ଏହି ଘଟଣାର ୫ ଦିନ ଅର୍ଥାତ ଡିସେମ୍ବର ୩୧ ତାରିଖ ଶ୍ରୀ ଦେ' ପୁନଶ୍ଚ କଂଗ୍ରେସକୁ ଫେରିଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ଏହି ସୂଚନା ଦିଆଯାଇଥିଲା। ଏହି ଖବର ପ୍ରକାଶିତ ହେବାର ଦିନକ ପରେ ଅର୍ଥାତ ଜାନୁଆରୀ ପହିଲାରେ ଶ୍ରୀ ଦେ'ଙ୍କୁ ବିଜେଡି ପୁନଶ୍ଚ ନିଜର ବୋଲି ଦାବି କରିବା ସହ ସମ୍ବର୍ଦ୍ଧିତ କରିଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଶ୍ରୀ ଜେନା, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ଜେନା, ଜିଲ୍ଲା ବିଜେଡି ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସାଂପ୍ରତିକ ପରିସ୍ଥିତିରେ ଶ୍ରୀ ଦେ'ଙ୍କୁ ଉଭୟ ଦଳ ନିଜର ବୋଲି ଦାବି କରୁଥିବା ବେଳେ ଏ ନେଇ ତାଙ୍କ ସହ ଆଲୋଚନା କରାଯାଇଥିଲା। ସେ ବିଜେଡିରେ ସାମିଲ ହୋଇଛନ୍ତି, କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିନଥିବା ସ୍ପଷ୍ଟ କରିଥିଲେ। କଂଗ୍ରେସ ସହ କାହିଁକି ଦୀର୍ଘଦିନର ସଂପର୍କ ଛିନ୍ନ କଲେ ବୋଲି ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ବିରୋଧୀ ଦଳରେ ରହିଲେ ବିଭିନ୍ନ ଆଳ ଦେଖାଇ ପ୍ରଶାସନ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାର ସୁଯୋଗ ମିଳୁନି। ଲୋକଙ୍କୁ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ପୂରଣ କରିବା ପାଇଁ ବିଜେଡିରେ ସାମିଲ ହୋଇଥିବା କହିଥିଲେ। ଆଗାମୀ ଦିନରେ କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିବା ପ୍ରଶ୍ନ ଉଠୁନି ବୋଲି ସେ ସ୍ପଷ୍ଟ କରିଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଶ୍ରୀ ଦେ'ଙ୍କୁ ବାଲେଶ୍ୱର ଜିଲ୍ଲାର ଉପସଭାପତି ଭାବେ ନୂତନ ଦାୟିତ୍ୱ ଦେଇଛନ୍ତି।

ଦିଲ୍ଲୀ ଯାଇଛି କଂଗ୍ରେସ ଆଶାୟୀ ପ୍ରାର୍ଥୀଙ୍କ ନାମ

ଭୁବନେଶ୍ୱର (ସମାଲୋଚନାବ୍ୟୁରୋ): ନିର୍ବାଚନ ଯଥେଷ୍ଟ ପୂର୍ବରୁ ପ୍ରାର୍ଥୀ ଘୋଷଣା ନହେଲେ ପ୍ରଚାରରେ ପଛରେ ପଡିବ ଦଳ। ତେଣୁ ଶୀଘ୍ର ପ୍ରାର୍ଥୀ ଘୋଷଣା ନେଇ କଂଗ୍ରେସ ଅଣ୍ଟା ଭିଡିଛି। ଏଆଇସିସି ସମସ୍ତ ରାଜ୍ୟର ଲୋକସଭା ପର୍ଯ୍ୟବେକ୍ଷକଙ୍କ ନାମ ଘୋଷଣା କରିଥିବା ବେଳେ ଏବେ ପ୍ରତି ଲୋକସଭା ପାଇଁ ଜଣେ ଜଣେ ପର୍ଯ୍ୟବେକ୍ଷକଙ୍କ ନାମ ଘୋଷଣା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ବିଶେଷ କରି ପୂର୍ବତନ ପିସିସି ସଭାପତି, ପୂର୍ବତନ ମନ୍ତ୍ରୀ ଭଳି ଦଳର ହେଭିୱେଟ୍ ବରିଷ୍ଠ ନେତାଙ୍କୁ ପର୍ଯ୍ୟବେକ୍ଷକ କରାଯିବ ବୋଲି ଜଣେ ବରିଷ୍ଠ ନେତା କହିଛନ୍ତି। ସେହିପରି କେଉଁ ନିର୍ବାଚନମଣ୍ଡଳୀର କିଏ ପ୍ରାର୍ଥୀ ହେବ, ତା'ର ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଦିଲ୍ଲୀ ପଠାଯାଇଛି। ପ୍ରତି ନିର୍ବାଚନମଣ୍ଡଳୀରୁ ପାଖାପାଖି ୫ ଜଣ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଜିଲ୍ଲା କଂଗ୍ରେସ ଓ ବ୍ଲକ ସଭାପତି ପ୍ରସ୍ତୁତ କରି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟକୁ ଦେଇଥିଲେ। ସାରା ରାଜ୍ୟରୁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ମିଳିବା ପରେ ପିସିସି ଏଆଇସିସିକୁ ପଠାଇଥିବା ଜଣାପଡିଛି। ଅପରପକ୍ଷେ ଏଆଇସିସି ଓଡ଼ିଶାର ଲୋକସଭା ଯୋଗାଯୋଗ ସଂଯୋଜକ ଭାବେ ଚଳଚ୍ଚିତ୍ର ନିର୍ମାତା, ବରିଷ୍ଠ ଲେଖକ, ତଥା ଏଆଇସିସି ସଦସ୍ୟା ବବିତା ଶର୍ମାଙ୍କୁ ନିଯୁକ୍ତି ଦେଇଛି। ବବିତା ପିସିସି ସଭାପତିଙ୍କ ସମେତ ରାଜ୍ୟର ଅନ୍ୟ ବରିଷ୍ଠ କଂଗ୍ରେସ ନେତାଙ୍କ ସହ ଆଲୋଚନା କରି ଏଆଇସିସିକୁ ବିଭିନ୍ନ ରିପୋର୍ଟ ଦେବେ। ଏ ସମସ୍ତ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବାକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଦିଲ୍ଲୀ ଯିବେ। ସେଠାରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସହ ରାହୁଲ ଗାନ୍ଧିଙ୍କ ଗସ୍ତ ବିଷୟରେ ଆଲୋଚନା ହେବ। ମଙ୍ଗଳବାର ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ମଧ୍ୟ ଦିଲ୍ଲୀ ଯାଇଛନ୍ତି।

ପଞ୍ଚାୟତ, ପୌର ନିର୍ବାଚନ ଫଳାଫଳକୁ ସମୀକ୍ଷା କରୁଛନ୍ତି ଅପରାଜିତା

ଖୋର୍ଦ୍ଧା (ସମାଲୋଚନା ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲାରେ ୩୦ଟି ଜିଲ୍ଲା ପରିଷଦ ଜୋନ୍ ରହିଛି। ସେଥିରୁ ୨୪ଟି ଜୋନ୍ ଭୁବନେଶ୍ୱର ଲୋକସଭା କ୍ଷେତ୍ର ଅଧୀନରେ ଅଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ୨୪ ଜୋନ୍‌ରୁ ବିଜେଡି ୧୯ଟିରେ ବିଜୟୀ ହୋଇଥିଲା। ବିଜେପି ୫ଟି ଦଖଲ କରିଥିଲା। ସେତେବେଳେ ଅପରାଜିତା ରାଜନୀତିକୁ ଆସି ନ ଥିଲେ। କିନ୍ତୁ ୨୦୨୨ ପଞ୍ଚାୟତ ଓ ପୌର ଭୋଟ୍ ଫଳାଫଳ ବିଜେପି ସାଂସଦ ଅପରାଜିତା ଷଡଙ୍ଗୀଙ୍କ ପାଇଁ ନିରାଶାଜନକ ଥିଲା। ୨୪ରୁ ୨୪ ଜୋନ୍‌କୁ ବିଜେଡି ଦଖଲ କରି ନେଇଛି। ବିଜେପି ସମସ୍ତ ଜିଲ୍ଲା ପରିଷଦ ଜୋନରେ ପରାସ୍ତ ହୋଇଛି। ସେହିପରି ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀ ପୌର ନିର୍ବାଚନ ଫଳାଫଳ ବିଜେପି ଓ ଅପରାଜିତାଙ୍କ ଲୋକପ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୁବନେଶ୍ୱର ମହାନଗର ନିଗମ, ଜଟଣୀ ଓ ଖୋର୍ଦ୍ଧା ପୌର ପରିଷଦ ବିଜେଡି ଦଖଲ କରିଛି। ଏହା ବ୍ୟତୀତ ଖୋର୍ଦ୍ଧା ଓ ବେଗୁନିଆରେ କିଛି ପୁରୁଣା ବିଜେପି କର୍ମୀ ଅପରାଜିତାଙ୍କ ଉପରେ ଅସନ୍ତୁଷ୍ଟ। ବେଗୁନିଆ ଓ ବୋଲଗଡ଼ ୫ଜଣ ମଣ୍ଡଳ ସଭାପତି ଓ ଦଳୀୟ କର୍ମକର୍ତ୍ତା ଏକତ୍ରିତ ହୋଇ ସାଂସଦଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି। ସାଂସଦ ଦଳୀୟ କର୍ମୀଙ୍କୁ ହତାଦର କରି ଅନ୍ୟଦଳର କର୍ମୀଙ୍କୁ ନେଇ ବିବାଦ କରୁଥିବା ଅଭିଯୋଗ ହୋଇଛି। ଉତ୍ତର ଭୁବନେଶ୍ୱର, ବେଗୁନିଆ ଓ ଜୟଦେବରେ ବିଜେପି ବିଧାୟକ ପ୍ରାର୍ଥୀ କିଏ ହେବ ସ୍ପଷ୍ଟ ହୋଇନି। ତେଣୁ ୨୦୨୪ ଲୋକସଭା ନିର୍ବାଚନ ଜିତିବା ଏବେ ଅପରାଜିତାଙ୍କ ପାଇଁ ଏସିଡ୍ ଟେଷ୍ଟ ଭଳି ହୋଇଛି।

ଓଡ଼ିଶା ଆସିବେ ରାହୁଲ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ): ଜାନୁଆରୀରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ। ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା "ଭାରତ ନ୍ୟାୟ ଯାତ୍ରା' ଦେଶର ୧୪ଟି ରାଜ୍ୟର ୬୨ଶହ କିଲୋମିଟର ଚାଲିବେ। ଏହି ୧୪ଟି ରାଜ୍ୟ ତାଲିକାରେ ଓଡ଼ିଶା ସହିତ ମଣିପୁର, ନାଗାଲାଣ୍ଡ, ଆସାମ, ମେଘାଳୟ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜୁରାଟ ଓ ମହାରାଷ୍ଟ୍ର ଅଛି। ମୋଟ ୮୫ଟି ଜିଲ୍ଲା ଦେଇ ଏହି ଯାତ୍ରା ଯିବାକୁ ଥିବା ବେଳେ ଓଡ଼ିଶାର କିଛି ଜିଲ୍ଲା ସାମିଲ ହେବାର ସମ୍ଭାବନା ଦେଖା ଦେଇଛି। ବିଶେଷ କରି ଝାଡ଼ଖଣ୍ଡରୁ ଛତିଶଗଡ଼ ଯିବା ବେଳେ ଯେଉଁ ଜିଲ୍ଲାଗୁଡିକୁ ସୁବିଧା ହେବ, ସେଗୁଡିକୁ ସାମିଲ କରାଯାଇପାରେ ବୋଲି କିଛି ନେତା କହିଛନ୍ତି। ତେବେ ଏ ନେଇ ଚୂଡାନ୍ତ ହୋଇନାହିଁ। ଶୀଘ୍ର ଚୂଡାନ୍ତ ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁ ଗୋପାଳ କହିଛନ୍ତି। ଚଳିତ ଥରର ଯାତ୍ରା କେତେକ ସ୍ଥାନରେ ବସ୍ ଯୋଗେ ତ ଆଉ କିଛି ସ୍ଥାନରେ ପଦଯାତ୍ରା ଯୋଗ ହେବ। ଏହି ଯାତ୍ରା ୨୦୨୪ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ମଣିପୁର ରାଜଧାନୀ ଇମ୍ଫାଲରୁ ଆରମ୍ଭ ହେବ। ଏହି ନ୍ୟାୟ ଯାତ୍ରାକୁ ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଶୁଭାରମ୍ଭ କରିବେ। ମାର୍ଚ୍ଚ ୨୦ ତାରିଖ ଦିନ ଏହି ଯାତ୍ରା ମୁମ୍ବାଇରେ ପହଞ୍ଚିବା ପରେ ସରିବ। ଏହି ନ୍ୟାୟ ଯାତ୍ରା ଦେଶର ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ପାଇଁ ଉଦ୍ଦିଷ୍ଟ। ନ୍ୟାୟ ଯାତ୍ରା ଓଡ଼ିଶା ଦେଇ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବାରୁ ପିସିସି ସଭାପତି ଶରତ ପ;ନାୟକ, ଏଆଇସିସି ସଭାପତି ଖଡଗେ, ପୂର୍ବତନ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଏଆଇସିସି ସାଧାରଣ ସମ୍ପାଦକ ଶ୍ରୀ ବେଣୁଗୋପାଳ ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ସାଧାରଣ ସମ୍ପାଦକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ ଓ ନ୍ୟାୟ ଯାତ୍ରାର ଅନ୍ୟ ବରିଷ୍ଠ ନେତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଏହି ଯାତ୍ରାରେ ସାମିଲ ହେବାପାଇଁ ଓଡ଼ିଶାର ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ, ଶୁଭେଚ୍ଛା ଏବଂ କଂଗ୍ରେସ ନେତୃବର୍ଗ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଉତ୍ସାହ ପ୍ରକଟ କରିଛନ୍ତି। ଅପରପକ୍ଷେ, ପିସିସି ସଭାପତି ଶ୍ରୀ ପ;ନାୟକ ବୁଧବାର ନାଗପୁରରେ ପହଞ୍ଚିଛନ୍ତି। ସେଠାରେ ଆସନ୍ତାକାଲି କଂଗ୍ରେସର ପ୍ରତିଷ୍ଠା ଦିବସ ବୈଠକରେ ଯୋଗଦେବେ। ଏହି ଅବସରରେ ନାଗପୁରରେ ପହଞ୍ଚିଥିବା ଓଡ଼ିଶା କଂଗ୍ରେସର ନୂଆ ପ୍ରଭାରୀ ଡ. ଅଜୟ କୁମାରଙ୍କ ସହ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଓଡ଼ିଶାରେ କଂଗ୍ରେସର ଭବିଷ୍ୟତ ରୋଡ୍ ମ୍ୟାପ୍ ସମେତ ରାହୁଲଙ୍କ ଗସ୍ତ କିଭଳି ସଫଳ ହେବ ସମେତ ବିଭିନ୍ନ ବିଷୟରେ ଆଲୋଚନା ହେବାର ସମ୍ଭାବନା ରହିଛି।

ତିନି ଦଳରେ ଖୋଜା ଚାଲିଛି ନୂଆ ମୁହଁ

ବାଲେଶ୍ୱର(ସମାଲୋଚନା ବ୍ୟୁରୋ): ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି, କଂଗ୍ରେସ କସରତ ଆରମ୍ଭ କଲେଣି। ବିଜେପି ପକ୍ଷରୁ ତୃଣମୂଳ ସ୍ତରରେ ସର୍ଭେ ସହ ଉଭୟ ଜାତୀୟ, ରାଜ୍ୟସ୍ତରୀୟ ନେତୃବୃନ୍ଦ ଆସି ଉପଯୁକ୍ତ ପ୍ରାର୍ଥୀ ଚୟନ କାର୍ଯ୍ୟରେ ସାମିଲ ହେଲେଣି। ଜାତୀୟସ୍ତରର ଏକ ଟିମ୍ ଆସି ସର୍ଭେ ଶେଷ କରିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଦଳ ଏଥର ସାଂସଦ ସମେତ ବାଲେଶ୍ୱର ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନୂଆ ମୁହଁ ଉପରେ ଜୋର ଦେଉଛି।

୨୦୧୯ ନିର୍ବାଚନରେ ବାଲେଶ୍ୱର ସାଂସଦ ଭାବେ ବିଜେପି ପ୍ରାର୍ଥୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ବିଜୟୀ ହୋଇଥିଲେ। ୮ ବିଧାନସଭା ମଧ୍ୟରୁ ଦଳ ନୀଳଗିରି, ବାଲେଶ୍ୱର ସଦରରେ ବିଜୟୀ ହୋଇଥିଲା। ବସ୍ତା, ଭୋଗରାଇ ବ୍ୟତୀତ ଅନ୍ୟ ନିର୍ବାଚନ ମଣ୍ଡଳୀରେ ଦଳ ୨ୟ ସ୍ଥାନରେ ଥିଲା। ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କ ବିୟୋଗ ପରେ ୨୦୨୦ ଉପନିର୍ବାଚନ ସଦର ନିର୍ବାଚନ ମଣ୍ଡଳୀ ବିଜେପି ହାତରୁ ଖସି ଯାଇଥିଲା।

ବିଜେପିରେ ଆଶାୟୀ ପ୍ରାର୍ଥୀ ତାଲିକା ଲମ୍ବିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ନିକଟରେ ଆରଏସ୍‌ଏସ୍‌ର ଏକ ଶାଖା କୁହାଯାଉଥିବା ସର୍ବଭାରତୀୟ ସେବା ପ୍ରମୁଖ ପରାଗ ଅଭୟଙ୍କର, କ୍ଷେତ୍ରୀୟ ସେବା ପ୍ରମୁଖ ଜଗଦୀଶ ଖାଡ଼େଗା ୨ ଦିନିଆ ବାଲେଶ୍ୱର ଗସ୍ତରେ ଆସିଥିଲେ। ଗସ୍ତ ବେଳେ ବାଲେଶ୍ୱର ବିଧାନସଭା ସମେତ ସଂସଦୀୟ କ୍ଷେତ୍ରରେ କାହାକୁ ପ୍ରାର୍ଥୀ କରାଯିବ ଆଲୋଚନା ହୋଇଥିଲା। ତୃଣମୂଳସ୍ତରରୁ ବିଭିନ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିଥିଲେ।



ତଥ୍ୟ ମୁତାବକ, ସେମାନେ ପ୍ରତି ନିର୍ବାଚନ ମଣ୍ଡଳୀରୁ ୪ ଜଣ ଲେଖାଏଁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି। ସେଥିରେ ଗତଥର ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀ ଅଛନ୍ତି। ଏହା ବ୍ୟତୀତ ନୂଆ ଆଶାୟୀ ପ୍ରାର୍ଥୀଙ୍କୁ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚ ଶିକ୍ଷିତ ଯୁବଗୋଷ୍ଠୀ, ସମାଜସେ